# Akashvani, Sambalpur

## SAMBALPURI NEWS EVENING BULLETIN

**28 June 2024- 7.02 pm- 7.12 pm.**

**************************************************

୧- ନିଟ୍ ୟୁଜି ପରୀକ୍ଷା ବାବ୍‌ଦେ ବିରୋଧୀ ସଦସ୍ୟମାନ୍‌କର୍ ବିରୋଧ୍ ଲାଗି ଆଏବା କାଏଲ୍‌ତକ୍ ଲୋକ୍‌ସଭା ଅଧିବେଶନ୍‌କେ ମୁଲ୍‌ତବୀ ରଖିଛନ୍ ବାଚସ୍ପତି ।

୨- କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଭେଟ୍‌ଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

୩- ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ଭାବେ ନିଯୁକ୍ତ ହେଲେ ବରିଷ୍ଠ ପ୍ରଶାସକ୍ ମନୋଜ୍ ଆହୁଜା ।

ଆଉର୍

୪- ଜଲ୍ ସଂରକ୍ଷଣ୍ କାର୍ଯ୍ୟକ୍ରମ୍‌କେ ବ୍ୟାପକ୍ କର୍‌ବାର୍ ଲାଗି 'କେଚ୍ ଦ ରେନ୍' ଅଭିଯାନ୍ ମୁଲ୍ କରିଛେ ଜଳଶକ୍ତି ମନ୍ତ୍ରଣାଳୟ ।

ସଂସଦ୍ ଅଧିବେଶନ୍      ଆର୍ଏନ୍ୟୁ/ କଟକ୍

ସର୍ବଭାରତୀୟ ଡାକ୍ତରୀ ପ୍ରବେଶିକା ନିଟ୍ ୟୁଜି ପରୀକ୍ଷାଥି ହେଇଥିବା ଅନିୟମିତତା ଉପ୍ରେ ଆଲୋଚନା ନେଇକରି ବିରୋଧୀ ଦଲ୍ ମାନ୍କର୍ ତର୍ଫୁ ଲୋକ୍ସଭା ନ ବିରୋଧି ହେବାର୍ନୁ ବାଚସ୍ପତି ଓମ୍ ବିର୍ଲା ଆଏଜ୍ ଦିନ୍କର୍ ଲାଗି ଅଧିବେଶନ୍କେ ସ୍ଥଗିତ୍ ରଖିଛନ୍ । ଗୃହକାମ୍ତକ୍ ପହେଲା ମଏଧାନର୍ ୧୨ ବଜାତକ୍ ସ୍ଥଗିତ୍ ରଖାଯାଇଥିଲା । ଗୃହ କାମ୍ ଫେର୍ ମୁଲ୍ ହେବାର୍ ଉତ୍ରୁ ଥିତିଥି କେହେନି ସୁଧାର୍ ନାଇଁ ଆଏବାର୍ନୁ ବାଚସ୍ପତି ଆଏବାକାଏଲ୍ତକ୍ ଗୃହକେ ମୁଲ୍ତବୀ ରଖିଛନ୍ । ଲୋକ୍ସଭା ନ ବାଚସ୍ପତି ଓମ୍ ବିର୍ଲା କହିଥିଲେ ଯେ, ନିଟ୍ ୟୁଜି ପରୀକ୍ଷାକେ ନେଇକରି ହେଇଥିବା ବିବାଦ୍ ଉପ୍ରେ ବିଚାର୍ ଲାଗି ଗୁଟେ ଉଚ୍ଚସ୍ତରୀୟ କମିଟି ଗଢ଼ାଯାଇଛେ । ଆଘୋନୁ ଧାରିଜ୍ କାର୍ଯ୍ୟସୂଚୀ ଅନ୍ସାରେ ସଂସଦ୍କେ ଚାଲ୍ବାର୍କେ ନାଇଁ ଦେବାର୍ଟା ଗଣତନ୍ତ୍ରର୍ ଲାଗି ଶୁଭ ନୁହେଁ ବଲି ବାଚସ୍ପତି କହିଥିଲେ । ସେନ୍ତା ନିଟ୍ ବିବାଦ୍ ଉପ୍ରେ ବିରୋଧୀ ମାନ୍କର୍ ଆଲୋଚନା ଦାବିକେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରଣ୍ ରିଜିଜୁ ପ୍ରତ୍ୟାଖ୍ୟାନ୍ କରିକରି ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍ ଉପ୍ରେ ଆଲୋଚନା ସମିଆଥି ଅଲ୍ଗା କେନ୍ ବିଷେ ଉପ୍ରେ ଆଲୋଚନା ହେବାର୍ ପରମ୍ପରା ନାଇଁନ ବଲି କହିଥିଲେ । ଇ ପ୍ରସଙ୍ଗ୍ ନ ଶ୍ରୀ ରିଜିଜୁ କଂଗ୍ରେସ୍ ସହେତେ ବାକି

ବିରୋଧୀ ଦଲ୍ ମାନ୍‌କର୍ ସମାଲୋଚନା କରିକରି ସର୍‌କାର୍ ଯେନ୍ କେନ୍‌ସି ଭିଲ୍ ଆଲୋଚନାର୍ ଉତର୍ ଦେବାର୍‌କେ ପ୍ରସ୍ତୁତ୍ ଅଛନ୍ ବଲି କହିଥିଲେ ।

ତଥାପି ବିରୋଧୀ ସଦସ୍ୟମାନ୍‌କର୍ ପ୍ରଦର୍ଶନ୍ ନାଇଁ ଥମ୍‌ବାର୍‌ନୁ ବାଚସ୍ପତି ଆଏଜ୍ ଦିନ୍‌କର୍ ଲାଗି ଲୋକ୍‌ସଭାକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ସେଆଡ଼େ ରାଜ୍ୟସଭା ନ ଭିଲ୍ ୟୁଜି ନିଟ୍ ପ୍ରସଙ୍ଗକେ ନେଇକରି ସମାନ୍ ଥିତି ହେଇଥିଲା । ହେଲେ ଉପର୍‌ବେଲା ରାଜ୍ୟସଭା ନ ରାଷ୍ଟ୍ରପତିଙ୍କର୍ ଅଭିଭାଷଣ୍ ଉପ୍‌ରେ ଆଲୋଚନା ହେଇଥିଲା ।

ଏନ୍‌ଟିଏ- ମତାମତ ଆହ୍ୱାନ୍        ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ପରୀକ୍ଷଣ ସଂସ୍ଥାନ୍ - ଏନ୍‌ଟିଏ ଥି ସଂସ୍କାର୍ ଆନ୍‌ବାର୍ ଲାଗି ସୁପାରିଶ୍ କର୍‌ବାର୍‌କେ ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ଗଠିତ୍ ବିଶେଷଜ୍ଞ କମିଟି ଛାତ୍ରଛାତ୍ରୀ ଆର୍ ଅଭିଭାବକ୍‌ମାନ୍‌କର୍ ଠାନୁ ପ୍ରସ୍ତାବ୍ ମାଗିଛନ୍ । ଇସ୍ରୋର୍ ଆଘର୍ ଅଧ୍ୟକ୍ଷ ଡକ୍ଟର୍ କେ. ରାଧାକ୍ରିଷ୍ଣନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବାର୍ କମିଟି ମାଇ ଗଭ୍ ୱେବ୍‌ସାଇଟ୍ ଜରିଏ ପ୍ରସ୍ତାବ୍ ଆର୍ ମତାମତ୍ ଗ୍ରହଣ୍ କର୍‌ବେ । ଆଏବା ଜୁଲାଇ ୭ ତାରିଖ୍‌ତକ୍ ମତାମତ୍ ଦିଆଯାଇପାର୍‌ବା । ଆଏବା ୨ ମାସ୍ ଭିତ୍‌ରେ କମିଟି ଶିକ୍ଷା ମନ୍ତ୍ରଣାଳୟକେ ଏନ୍‌ଟିଏଥି ସଂସ୍କାର୍

ଆର୍ ପରୀକ୍ଷା ପରିଚାଳନା ପ୍ରକ୍ରିୟା ଆଉ ଡାଟା ସୁରକ୍ଷା ବାବଦ୍ ରିପୋର୍ଟ ଦେବେ ।

ମୁଖ୍ୟମନ୍ତ୍ରୀ- କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ହିନ୍ଦୁସ୍ଥାନ୍ ସମାଚାର୍

ନୂଆଦିଲ୍ଲୀ ଗସ୍ତ ନ ଥିବା ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ ଦୁହି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆର୍ ପ୍ରଭାତୀ ପରିଡ଼ା ଆଏଜ୍ ସଖାଲେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ଭେଟିଛନ୍ । ଇତାର୍ସଙ୍ଗେ ମୁଖ୍ୟମନ୍ତ୍ରୀ ଆଉ ଦୁହି ଉପମୁଖ୍ୟମନ୍ତ୍ରୀ କେନ୍ଦ୍ର ଜନଜାତି ବ୍ୟାପାର୍ମନ୍ତ୍ରୀ ଜୁଏଲ୍ ଓରାମ୍ଙ୍କୁ ଭିଲ୍ ଭେଟିକରି ଆଲୋଚନା କରିଥିବାର୍ ଜନାପଡ଼ିଛେ ।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ- ବର୍ଷା

ସୂଚନା ଲୋକସମ୍ପର୍କ ବିଭାଗ୍ ପ୍ରେସ୍ ରିଲିଜ୍

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ରାଜ୍ୟର୍ ବର୍ଷା ଆର୍ ଚାଷ୍‌ର ଥିତି ବାବ୍‌ଦେ ସମୀକ୍ଷା କରିଛନ୍ । ମେଗା ଜଲ୍‌ସେଚନ୍ ଆର୍ ଉଠାଜଲ୍‌ସେଚନ୍ ପ୍ରକଳ୍ପ ମାନ୍‌କୁ କାର୍ଯ୍ୟକ୍ଷମ କର୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ୍ ଦେବାର୍ ସଙ୍ଗେ

ସାର୍ ଆର୍ ବିହନ୍ ଯେନ୍ତା ଠିକ୍ ଭାବେ ଚାଷୀମାନ୍‌କର୍ ପାଖ୍‌କେ ପୁହୁଁଚିପାର୍‌ବା ହେତାର୍ ଉପ୍‌ରେ ଜୋର୍ ଦେଇଛନ୍ । ବୈଠକ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ସତ୍ୟବ୍ରତ ସାହୁଙ୍କର୍ ସଙ୍ଗେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ମୁଖ୍ୟଶାସନ୍ ସଚିବ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଡେପୁଟେସେନ୍‌ନୁ ଫିର୍‌ଲା ଉତ୍‌ରୁ ବରିଷ୍ଠ ପ୍ରଶାସକ ମନୋଜ ଆହୁଜାଙ୍କୁ ରାଜ୍ୟ ସର୍‌କାର୍ ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ମାନେ ନିଯୁକ୍ତି ଦେଇଛନ୍ । ଇହାଛିନିର୍ ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା ଇ ମାସର୍ ୩୦ ତାରିଖ୍ ଦିନ ଅବସର ନେଲା ଉତ୍‌ରୁ ଶ୍ରୀ ଆହୁଜା ଦାୟିତ୍ୱ ଗ୍ରହଣ କର୍‌ବେ । ମୁଖ୍ୟ ଶାସନ୍ ସଚିବ ପଦ୍‌ବୀ ସାଙ୍ଗେ ସେ ସାଧାରଣ ପ୍ରଶାସନ୍ ଆର୍ ଅଭିଯୋଗ୍ ବିଭାଗ୍‌ର ସଚିବ ଦାୟିତ୍ୱଥି ଭିଲ୍ ରହେବେ ।

ଶ୍ରୀଜୀଉ- ଓଷ ଲାଗି ଆର୍‌ଏନ୍‌ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍‌ଠାନୁ ମାହାପୁରୁମାନ୍‌କୁ ଓଷ ଲାଗି କରାଯାଇଛେ । ମଧ୍ୟାହ୍ନ ଧୂପ ଉତ୍‌ରୁ ଶୁଦ୍ଧ ସୁଆର ମାନେ

ଝୁଣା, ତେଲ, ଆର୍ ଭିନ୍ ଭିନ୍ ଚେରିମୁଲିଥି ତିଆର୍ କରିଥିବା ଓଷକେ ଦଇତାପତି ସେବକ ମାନେ ମାହାପୁରୁଙ୍କର୍ ଶ୍ରୀଅଙ୍ଗ ନ ଲାଗି କରିଛନ୍ । ଇ ନୀତି ଆଏବା ୩ ଦିନ୍‌ତକ୍ ଚାଲ୍‌ବା । ଦଶ୍‌ମୀ ଦିନ ରାଜବଇଦ୍ ତିଆର୍ କରିଥିବା ଦଶମୂଳ ମୋଦକ ଖାଏଲା ଉତ୍‌ରୁ ଶ୍ରୀଜୀଉମାନେ ପୁରା ସୁସ୍ଥ ହେବେ । ଇନ ଜନେଇ ଦିଆଯାଇପାରେ ଯେ, ଦେବସ୍ନାନ ପୂର୍ଣ୍ଣିମା ଦିନ ଶହେ ୮ ଗରା ସୁବାଶିତ ଜଳଥି ସ୍ନାନ ଉତ୍‌ରୁ ମାହାପୁରୁମାନେ ଜରେ ପଡ଼ିଛନ୍ । ଜର ଛଡ଼ାବାର୍‌କେ ଅଣସର ଘରେ ଦଇତାପତି ସେବକମାନେ ମାହାପୁରୁମାନ୍‌କର୍ ଗୁପ୍ତ ସେବା କରୁଛନ୍ । ଗଲାକାଏଲ୍ ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗଥି ଫୁଲୁରିତେଲ ଲାଗି କରାଯାଇଥିଲା । ସେଆଡ଼େ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଏଜ୍ ପୁରୀ ଗସ୍ତ କରିକରି ରଥଯାତ୍ରାର୍ ପ୍ରସ୍ତୁତି ବାବଦ୍ ସମୀକ୍ଷା କରିଛନ୍ । ଇଥର ମାହାପୁରୁଙ୍କର୍ ଦର୍ଶନ୍ ଯେନ୍ତା ଅଏତ୍‌କା ଶୃଙ୍ଖଳିତ୍ ଭାବେ କରାଯାଇପାର୍‌ବା ତାର୍ ଉପ୍‌ରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଜୋର୍ ଦେଇଛନ୍ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ

ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ । ଇଟା ତାଙ୍କର୍ ଶହେ ୧୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଏଆଇଆର୍ ନ୍ୟୁଜ୍, ଡିଡି ନ୍ୟୁଜ୍ ଆର୍ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଶୁନାଯାଇପାର୍‌ବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷଥି ଇତାର୍ ପ୍ରସାରଣ୍ କରାଯିବା ।

ଜଳ ସଂରକ୍ଷଣ୍ କାର୍ଯ୍ୟକ୍ରମ୍ ଆର୍‌ଏନ୍‌ୟୁ/ କଟକ୍

ଜଳ ସଂରକ୍ଷଣ୍ କାର୍ଯ୍ୟକ୍ରମ୍‌କେ ବ୍ୟାପକ୍ କର୍‌ବାର୍ ଲକ୍ଷ୍ୟଥି କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟ ତର୍‌ଫୁ 'କେଚ୍ ଦ ରେନ୍' ଅଭିଯାନ୍ - ୨୦୨୪ର ଶୁଭାରମ୍ଭ କରାଯାଇଛେ । ଇ ଅଭିଯାନ୍ ଆଏବା ନଭେମ୍ବର୍ ୩୦ ତାରିଖ୍‌ତକ୍ ଚାଲ୍‌ବା । ଇଥର ଅଭିଯାନ୍‌ର ବିଷୟବସ୍ତୁ 'ନାରୀଶକ୍ତିରେ ଜଳଶକ୍ତି' ରଖାଯାଇଛେ । ମହିଳାମାନ୍‌କର୍ ଭାଗିଦାରୀ ମଜ୍‌ବୁତ୍ କରିକରି ଜଳପରିଚାଳନା ଆର୍ ସଂରକ୍ଷଣ୍ କାର୍ଯ୍ୟକ୍ରମ୍‌କେ ଅଏତ୍‌କା ଜବର୍ କର୍‌ବାର୍‌କେ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ରାଜ୍ୟ ଜଳ ସମ୍ପଦ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍ ମାନ୍‌କୁ ଚିଠି ଲେଖିଛନ୍ ।

ଜଳାଶୟ ମାନ୍‌କର୍ ସଫେଇ ଅଚଲ୍ ବୋର୍‌ୱେଲ୍ ମାନ୍‌କୁ ସଚଲ୍ କର୍‌ବାର୍, ଜଳାଶୟ ମାନ୍‌କର୍ ଜିଓ ଟେଗିଂ, ଜଳଉତ୍ସର୍ ଚାର୍‌ହିକୁତି ଗଛ୍ ଲଗାବାର୍ ସହେତେ ଛୋଟ୍ ଛୋଟ୍ ନଦୀ ମାନ୍‌କର୍ ପୁନରୁଦ୍ଧାର୍ ଲାଗି ପଦକ୍ଷେପ୍ ନେବାର୍‌କେ ଶ୍ରୀମତୀ ଗର୍ଗ ତାଙ୍କର୍ ଚିଠିଥି କହିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମ୍ବଲପୁର୍ ଗସ୍ତ ଆର୍‌ଏନ୍‌ୟୁ/ କଟକ୍

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଏଜ୍ ବୁର୍ଲା ଭିମ୍‌ସାର୍ ଗସ୍ତ କରିଛନ୍ । ଡକ୍ଟର୍ ମହାଲିଙ୍ଗ ପହେଲା ଭିମ୍‌ସାର୍ ଚକ୍ଷୁ ୱାର୍ଡ଼କେ ଯାଇକରି ଅନୁଗୁଲ୍ ନ ମୋତିଆବିନ୍ଦୁ ଅପରେସନ୍ ବେଲେ ତ୍ରୁଟିର୍ ଲାଗି ଭର୍ତି ହେଇଥିବା ରୋଗୀମାନ୍‌କୁ ଭେଟିଥିଲେ । ଡାକ୍ତର୍‌ଖାନା ବୁଲ୍‌ଲା ଉତ୍‌ରୁ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଭିମ୍‌ସାର୍‌ର ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଭାବଗ୍ରାହୀ ରଥଙ୍କର୍ ସହେତେ ଡିନ୍ ଆର୍ ବିଭାଗୀୟ ମୁଖ୍ୟ ମାନ୍‌କର୍ ସଙ୍ଗେ ବୈଠକ୍ କରିକରି ରୋଗୀ ମାନ୍‌କର୍ ଚିକିତ୍ସା ବାବଦେ ଭିନ୍ ଭିନ୍ ପଦକ୍ଷେପ୍‌ର ସମୀକ୍ଷା କରିଥିଲେ । ଖୋବ୍ ଜଲ୍‌ଦି ଭିମ୍‌ସାର୍‌ର ସ୍ଥାୟୀ ନିର୍ଦ୍ଦେଶକ ନିଯୁକ୍ତି ସଙ୍ଗେ ଏମ୍‌ଆର୍‌ଆଇ ସେବା ଆର୍ ଆହୁରି ୬ ଟା ସୁପର୍‌ସ୍ପେଶାଲିଟି ବିଭାଗ୍ ଖୁଲାଯିବାର୍ ବାବ୍‌ଦେ ଆଲୋଚନା ହେଇଥିବା ବୈଠକ୍ ଉତ୍‌ରୁ ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ

ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ରାଉର୍‌କେଲା ନ ନକ୍‌ଲି ଡାକ୍ତର୍ ଧରାପଡ଼୍‌ବାର୍ ଘଟ୍‌ନାଥି ତାଙ୍କର୍ ପ୍ରତିକ୍ରିୟା ରଖିକରି ରାଏଜେ ନକ୍‌ଲି ଡାକ୍ତର୍ ଚିହ୍ନଟ୍ ଲାଗି ଏସ୍‌ଓପି କରାଯିବା ବଲି ସେ କହିଛନ୍ । ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ ଜୁନିଅର୍ ଡାକ୍ତର୍ ଏସୋସିଏସନ୍‌ର ବାର୍ଷିକ୍ ଉସ୍ବବ୍‌ଥି ମୁଖ୍ୟଅତିଥି ଭାବେ ଭିଲ୍ ଯୋଗ୍ ଦେଇଥିଲେ । ଇତାର୍ ଆଘୋନୁ ସଖାଲେ ସମ୍ବଲ୍‌ପୁର୍ ପୁହୁଁଚିକରି ସେ ପହେଲା ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କର୍ ଦର୍ଶନ୍ କରିଥିଲେ ।

ତାରଉତ୍‌ରୁ ସେ ସମ୍ବଲ୍‌ପୁର୍ ସହର୍‌ନ ଦେଖାଦେଇଥିବା ଜଣ୍ଡିସ୍ ସମସ୍ୟା ବାବ୍‌ଦେ ବିଭାଗୀୟ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ ସହେତେ ଜଣ୍ଡିସ୍ ଚାପିଥିବାର୍ ଇଲାକା ନ ପାଏନ୍ ପାଇପ୍ ମାନ୍‌କର୍ ଦେଖ୍‌ରେଖ୍ ଠିକ୍ ଭାବେ କର୍‌ବାର୍‌କେ ନିର୍ଦ୍ଦେଶ୍ ଦେଇଥିଲେ । ଅନୁଗୁଲ୍ ନ ଆଖି ଅପ୍‌ରେସନ୍‌ର ତ୍ରୁଟି ଘଟ୍‌ନାର୍ ତଦନ୍ତ୍ କରାଯିବା ବଲି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଗଣମାଧ୍ୟମ୍‌ର ପ୍ରତିନିଧି ମାନ୍‌କୁ କହେବାର୍ ସହେତେ ରାୟଗଡ଼ା ଜିଲ୍ଲା ନ ଡିପ୍‌ଥେରିଆ ବ୍ୟାପିଥିବା ଇଲାକା ନ ଟୀକାକରଣ୍‌କେ ତ୍ୱରାନ୍ୱିତ୍ କରାଯିବା ବଲି କହିଥିଲେ ।

ଆକାଶବାଣୀ ଅଧିକାରୀ ଅବସର ଆର୍‌ଏନ୍‌ୟୁ/ସମ୍ବଲପୁର

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ବରିଷ୍ଠ ଟେକ୍ନିସିଆନ୍ ଲଲିତ୍ କୁମାର୍ କର ଆଏଜ୍ ଚାକିରୀ ନୁ ଅବସର ନେଇଛନ୍ । ୧୯୮୮ ମସିହାଥି ଦୂରଦର୍ଶନ୍ କେନ୍ଦ୍ର ସମ୍ବଲପୁରନୁ ଚାକିରୀ ଜୀବନ୍ ମୁଲ୍ କରିକରି ସେ ରାୟଗଡ଼ା, ଭବାନୀପାଟ୍ନା, ଭୁବ୍ନେଶ୍ୱର୍ ଆଉ ଆକାଶ୍ବାଣୀ ସମ୍ବଲ୍ପୁର୍ ନ କାମ୍ କରିଥିଲେ । ଆଏଜ୍ ଆକାଶ୍ବାଣୀ ରିକ୍ରିଏସନ୍ କ୍ଲବ୍ ତର୍ଫୁ ସମ୍ବଲ୍ପୁର୍ କେନ୍ଦ୍ର ନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଇଥି ଦୂରଦର୍ଶନ୍ କେନ୍ଦ୍ରର୍ ସହାୟକ ନିର୍ଦ୍ଦେଶକ୍ ଆଉ ଆକାଶ୍ବାଣୀ ସମ୍ବଲ୍ପୁର୍ କେନ୍ଦ୍ର ମୁଖ୍ୟ ପି.କେ. ମିଶ୍ର ଆଉ କାର୍ଯ୍ୟକ୍ରମ ମୁଖ୍ୟ ସନ୍ତୋଷ୍ ପିଙ୍ଗ୍ ଉପସ୍ଥିତ୍ ଥିଲେ । ସଭାକେ ରିକ୍ରିଏସନ୍ କ୍ଲବ୍ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ପରିଚାଳନା କରିଥିଲେ ।

ଦେବ୍ଗଡ଼୍ ରଥ୍ଯାତ୍ରା ପ୍ରସ୍ତୁତି ବୈଠକ ଦେବ୍ଗଡ଼୍ ସମ୍ବାଦଦାତା

ଦେବ୍ଗଡ଼୍ ନ ରଥ୍ଯାତ୍ରା ପ୍ରସ୍ତୁତି ବୈଠକ୍ ଉପଜିଲ୍ଲାପାଳ୍ ପରୀକ୍ଷିତ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକଥି ଭିନ୍ ଭିନ୍ ବିଭାଗ୍ର ଅଧିକାରୀ ଆର୍ ଜଗନ୍ନାଥ ମନ୍ଦିର୍ କମିଟିର୍ କର୍ମକର୍ତା ଯୋଗ୍ ଦେଇଥିଲେ ।

ବୌଦ୍ଧ- ଆଇନ୍ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ

ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ତର୍‌ଫୁ ମୁଣ୍ଡିପଦର୍ ହାଇସ୍କୁଲ୍ ନ ଗୁଟେ ଆଇନ୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ହେଥି ପ୍ରବାସୀ ଶ୍ରମିକ୍‌ମାନ୍‌କର୍ ଅଧିକାର୍, କର୍ତବ୍ୟ ଆର୍ ଆଇନ୍‌ଗତ ସୁରକ୍ଷା ବାବ୍‌ଦେ ଲୋକ୍‌ମାନ୍‌କୁ ବତାଯାଇଥିଲା ।

ଅମର୍‌ନାଥ୍ ଯାତ୍ରା ଆର୍‌ଏନ୍‌ୟୁ/ କଟକ୍

ଇ ବଛରର୍ ଅମର୍‌ନାଥ୍ ଯାତ୍ରା ଆଏବା କାଏଲ୍‌ଠାନୁ ମୁଲ୍ ହେଉଛେ । ଇ ଯାତ୍ରା ଆଏବା ୫୨ ଦିନ୍ ଧରିକରି ଚାଲ୍‌ବା । ପ୍ରଭୁ ଶ୍ରୀ ଅମର୍‌ନାଥଙ୍କୁ ଦର୍ଶନ୍ କର୍‌ବାର୍‌କେ ଜମ୍ମୁ ଜିଲ୍ଲାର୍ ଭଗବତୀନଗର୍ ବେସ୍ କେମ୍ପ୍ ଠାନେ ଗଲାକାଏଲ୍‌ନୁ ଭକ୍ତମାନ୍‌କର୍ ପଞ୍ଜିକରଣ୍ ଚାଲିଛେ । ଦକ୍ଷିଣ କାଶ୍ମୀର୍ ହିମାଳୟର୍ ୩ ହଜାର୍ ୮ ଶଡ ୮୦ ମିଟର୍ ଉଛାଥି ଥିବାର୍ ଅମର୍‌ନାଥ୍ ଗୁମ୍ଫା ନ ପବିତ୍ର ଲିଙ୍ଗ ଦର୍ଶନ୍ ଲାଗି ୧ ହଜାର୍ ୬ ଶହ ଝନ୍ ଭକ୍ତ ପଞ୍ଜିକରଣ୍ କରିଛନ୍ ।

ପ୍ଲସ୍‌ଟୁ ସିଟ୍ ବୃଦ୍ଧି ଆର୍‌ଏନ୍‌ୟୁ/ କଟକ୍

ଗଣଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ୮୦ ଟା ଯୁକ୍ତ ଦୁଇ ମହାବିଦ୍ୟାଳୟଥି ଚଲ୍‌ତି ଶିକ୍ଷାବଛରନୁ ସିଟ୍ ବଢ଼ାବାର୍‌କେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ନିଷ୍ପତି ହେଇଛେ । ଇତାର୍‌ସଙ୍ଗେ ୩୬ ଟା କନିଷ୍ଠ ମହାବିଦ୍ୟାଳୟ ନ କଳା ବାଣିଜ୍ୟ ଆର୍ ବିଜ୍ଞାନ୍ ବିଭାଗ୍ ଖୁଲ୍‌ବାର୍‌କେ ଅନୁମତି ଦିଆଯାଇଛେ ।

ପ୍ରାଥମିକ ସ୍କୁଲ୍- ହାଇକୋର୍ଟ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟମାନ୍‌କୁ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଥିବା ମୌଳିକ୍ ସୁବିଧା ବାବଦ୍ ତଥ୍ୟ ସାର୍ବଜନୀନ କର୍‌ବାର୍‌କେ ଓଡ଼ିଶା ହାଇକୋର୍ଟ କହିଛନ୍ । ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ଆଉ ବିଚାର୍‌ପତି ଜଷ୍ଟିସ୍ ସାବିତ୍ରୀ ରଥୋଙ୍କର୍ ଖଣ୍ଡପୀଠ ଗୁଟେ ଜନସ୍ୱାର୍ଥ ମାମ୍‌ଲାର୍ ବିଚାର୍ କରିକରି ଆଏବା ୬ ହପ୍ତା ଭିତ୍‌ରେ ରାଜ୍ୟ ସର୍‌କାର୍‌ଙ୍କର୍ ୱେବ୍‌ସାଇଟ୍‌ଥି ସ୍କୁଲ୍ ବାବଦ୍ ସବୁ ତଥ୍ୟ ରଖିବାର୍‌କେ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ପୂର୍ବ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ବନିଥିବାର୍ ଘୂର୍ଣ୍ଣିବଳୟର୍ ବଲେ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ ବର୍ଷା ହଉଛେ । ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ଆର୍ ପର୍‌ଦିନ ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍ ଆର୍ ଦେବ୍‌ଗଡ଼୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ ।